# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 30th August – 2026

****************************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ଅଭିଯାନ' ଯୁବବର୍ଗଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ସାମୂହିକ ସଂକଳ୍ପ; ଆକାଶବାଣୀର 'ମନ୍ କି ବାତ୍'ରେ କହିଲେ ପ୍ରଧାନମନ୍ତ୍ରୀ

– ପ୍ରକୃତି ସଂରକ୍ଷଣ ପ୍ରତି ସମର୍ପଣ ପାଇଁ ଦେବ୍ରୀଗଡ଼ର ମୈଥିଳି ଭୁଏଙ୍କୁ କଲେ ପ୍ରଶଂସା

- କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମହିଳାଙ୍କ ଭରଣପୋଷଣ ରାଶି ପ୍ରଦାନରେ ଅବହେଳା କରୁଥିବା ପୁରୁଷ କର୍ମଚାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

- ସମବାୟ କ୍ଷେତ୍ରର ସମ୍ପ୍ରସାରଣ ଲକ୍ଷ୍ୟ ନେଇ ଆସନ୍ତା ମଙ୍ଗଳବାର ଆରମ୍ଭ ହେବ ସମ୍ବନ୍ଧ ଅଭିଯାନ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ସୁଦୃଢ଼ ଲଘୁଚାପ କ୍ଷେତ୍ରରେ ପରିଣତ

– ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଅତିପ୍ରବଳ ବର୍ଷା ସମ୍ଭାବନା

English Pool

## ମନ୍ କି ବାତ୍

ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ଅଭିଯାନ ଦେଶବ୍ୟାପୀ ତ୍ୱରାନ୍ୱିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଆଜି ଭାବ-ବିନିମୟ କରି ଶ୍ରୀ ମୋଦୀ କହିଛନ୍ତି' ନିଶାମୁକ୍ତ ଯୁବ ଏବଂ ନିଶାମୁକ୍ତ ଭାରତ କେବଳ ଏକ ଅଭିଯାନରେ ସୀମିତ ହୋଇ ରହି ନାହିଁ ବରଂ ବହୁ ସଂଖ୍ୟାରେ ଯୁବପିଢ଼ି ଏଥିରେ ସାମିଲ ହୋଇଛନ୍ତି। ଦେଶର ଯୁବବର୍ଗଙ୍କ ସୁସ୍ଥ ଜୀବନଶୈଳୀ, ଖୁସି ଏବଂ ଉଜ୍ୱଳ ଭବିଷ୍ୟତ ପାଇଁ ଏହା ହେଉଛି ଏକ ସାମୁହିକ ସଂକଳ୍ପ । ନିଶାର ପ୍ରଭାବ ଯୋଗୁଁ କେବଳ ବ୍ୟକ୍ତି ନୁହେଁ ବରଂ ସମଗ୍ର ପରିବାର ଏବଂ ସମାଜ ପରିଣାମ ଭୋଗ କରିଥାନ୍ତି । ନିଶାମୁକ୍ତ ଭାରତ ଗଠନରେ ସାମିଲ ହୋଇଥିବା ପ୍ରତ୍ୟେକଙ୍କୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଏଥିପାଇଁ ପ୍ରୟାସ ଜାରି ରଖିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି ।

V/O (PM Nisamukta)

ଶ୍ରୀ ମୋଦୀ କହିଛନ୍ତି, ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନା ମାଧ୍ୟମରେ ମହିଳା ଅଧିକ ସଶକ୍ତ ହେଉଛନ୍ତି । ଦେଶବ୍ୟାପୀ ପ୍ରାୟ ୩୫ଲକ୍ଷ ମହିଳା

ଏହି ଯୋଜନା ସହ ସାମିଲ ହୋଇ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ କେତେକ ମହିଳା ହିତାଧିକାରୀଙ୍କ ଉପରେ ଆଲୋକପାତ କରିଛନ୍ତି ।

ସ୍ୱଚ୍ଛତା ସମ୍ପର୍କରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱଚ୍ଛତାକୁ ଏକ ସଂକଳ୍ପ ଭାବେ ଗ୍ରହଣ କଲେ ସ୍ଥାନୀୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ସମ୍ଭବ ହୋଇଥାଏ । ଏହି ଅବସରରେ ଶ୍ରୀ ମୋଦୀ ଓଡ଼ିଶାର ସମ୍ବଲପୁର ଜିଲ୍ଲାସ୍ଥିତ ଡେବ୍ରିଗଡ ଅଞ୍ଚଳର ଧୋଡକୁସୁମର ମୈଥିଲି ଭୁଏ ଉପରେ ଆଲୋକପାତ କରିଛନ୍ତି । ଜୀବନରେ ସମୃଦ୍ଧି ହାସଲ କରିବା ସହ ପ୍ରକୃତିର ସୁରକ୍ଷା ପାଇଁ ନିଜକୁ ସମର୍ପି ଦେବା ସମ୍ଭବ ବୋଲି ମୈଥିଲି ପ୍ରମାଣିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

V/O (PM Vuye)

ମୈଥିଲି ଡେବ୍ରୀଗଡ଼ରେ କେନ୍ଦୁପତ୍ର ଓ ମହୁ ସଂଗ୍ରହ ସହ ଜଙ୍ଗଲ ସଂରକ୍ଷଣ କରୁଛନ୍ତି। ପ୍ରକୃତ ସଂରକ୍ଷଣ ସହ ଜୀବିକା ରୋଜଗାରର ଏହି ମଡେଲ ଓଡ଼ିଶା ନାରୀଶକ୍ତିର ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରୁଛି। ଏ ସମ୍ପର୍କରେ ଶ୍ରୀମତୀ ଭୁଏ କହିଛନ୍ତି... V/O

ଶ୍ରୀ ମୋଦୀ' ମିଶନ ଶକ୍ତି ସ୍ୟାଟକୁ ନେଇ କହିଛନ୍ତି, ଏଭଳି ପ୍ରୟାସ କନ୍ୟା ସନ୍ତାନଙ୍କର ମହାକାଶ କ୍ଷେତ୍ରର ସ୍ୱପ୍ନକୁ ସାକାର କରିବାରେ

ସହାୟକ ହେଉଛି । ୧୦୮ଟି ଦେଶର ପାଖାପାଖି ୧୨ହଜାର କନ୍ୟାସନ୍ତାନ ନବସୃଜନ କ୍ଷେତ୍ରରେ ଏହି ମିଶନ ଅଧୀନରେ ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ଶିଖିବାର ସୁଯୋଗ ପାଉଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ଦିବସ ଏବଂ ଜାତୀୟ ମହାକାଶ ଦିବସ ପ୍ରତ୍ୟେକ ନାଗରିକଙ୍କୁ ଗର୍ବିତ କରିଛି। ହର୍ ଘର୍ ତିରଙ୍ଗା ଅଭିଯାନ ଏହି ଭାବନାକୁ ଅଧିକ ସଶକ୍ତ କରିଛି। ଚଳିତବର୍ଷ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ହେଉଥିବାରୁ ହର୍‌ଘର ତିରଙ୍ଗା ଅଭିଯାନ ସ୍ୱତନ୍ତ୍ର ଥିଲା।

ଚଳିତବର୍ଷ ୮ କୋଟିରୁ ଅଧିକ ତ୍ରିରଙ୍ଗା ସେଲ୍‌ଫି ଅପ୍‌ଲୋଡ ହୋଇଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି । ଆନ୍ତର୍ଜାତିକ ସ୍ତରରେ ପାଳିତ ହୋଇଥିବା ସୂର୍ଯ୍ୟପଥ ତ୍ରିରଙ୍ଗା ପଦକ୍ଷେପ ଉପରେ ମଧ୍ୟ ଶ୍ରୀ ମୋଦୀ ଆଲୋଚନା କରିଛନ୍ତି। ଆଗାମୀ ପାର୍ବଣ ଋତୁରେ ଜନ୍ମାଷ୍ଟମୀ, ବିଶ୍ୱକର୍ମା ପୂଜା, ଗଣେଶ ପୂଜା ଆଦି ପଡୁଥିବାରୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପାର୍ବଣ ଋତୁରେ ଭୋକାଲ ଫର୍ ଲୋକାଲକୁ ଆପଣେଇବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

BBSR/R

## ମୁଖ୍ୟମନ୍ତ୍ରୀ– ଭରଣପୋଷଣ ନିର୍ଦ୍ଦେଶ

କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମହିଳାଙ୍କୁ ଭରଣପୋଷଣ ଦେଉନଥିବା ପୁରୁଷ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ଏହିକ୍ରମରେ ମହିଳା କିମ୍ବା ସନ୍ତାନସନ୍ତତିଙ୍କ ପାଇଁ ଭରଣପୋଷଣ ଦେଉନଥିବା ରାଜ୍ୟ ସରକାରୀ କର୍ମଚାରୀଙ୍କ ଦରମାରୁ ଅର୍ଥକାଟି ପ୍ରଦାନ କରିବାକୁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ପତ୍ନୀ ଓ ପିଲାଙ୍କ ପ୍ରତି ଅବିଚାର ଆଦୌ ଗ୍ରହଣୀୟ ନୁହେଁ। ଆଗାମୀ ଦିନରେ ଏ ସମ୍ପର୍କିତ ମାମଲାକୁ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ବ୍ୟବସ୍ଥାରେ ଯୋଡ଼ାଯାଇ ଆହୁରି ଉନ୍ନତ କରିବାକୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

BBSR/R

## ଧାନ ପଞ୍ଜୀକରଣ

ରାଜ୍ୟରେ ଧାନ ପଞ୍ଜୀକରଣ ଅବଧିକୁ ସରକାର ଆଉ ୭ ଦିନ ବୃଦ୍ଧି କରିଛନ୍ତି। ଏ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ପଞ୍ଜୀକରଣ ଅବଧି ଆସନ୍ତାକାଲି ଶେଷ ହେଉଥିବା ବେଳେ ଏହା ଆଉ ୭ଦିନ ବୃଦ୍ଧି ପାଇଛି। ନେଟଓ୍ୱର୍କ ସମସ୍ୟା ଯୋଗୁଁ ଅନେକ ଚାଷୀ ପଞ୍ଜୀକରଣ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୧୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି।

BBSR/R

## ‘ସମ୍ବନ୍ଧ’ର ଶୁଭାରମ୍ଭ

ରାଜ୍ୟରେ ସମବାୟ କ୍ଷେତ୍ରର ସମ୍ପ୍ରସାରଣ ଲକ୍ଷ୍ୟ ନେଇ ଆସନ୍ତା ମଙ୍ଗଳବାର ଦିନ ମେଗା ସଦସ୍ୟତା ଅଭିଯାନ ‘ସମ୍ବନ୍ଧ’ର ଶୁଭାରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅଭିଯାନର ଶୁଭାରମ୍ଭ

କରିବେ। ଏଥିସହ ମୁଖ୍ୟମନ୍ତ୍ରୀ ୨୦ଟି ଦୁଗ୍ଧ ସଂଗ୍ରହ କେନ୍ଦ୍ର, ୫୦ଟି କୃଷି ସେବା କେନ୍ଦ୍ର, ୪୬ଟି ଖାଉଟି କେନ୍ଦ୍ର ଏବଂ ୨୦୦ଟି ଜନସେବା କେନ୍ଦ୍ରର ମଧ୍ୟ ଉଦ୍‌ଘାଟନ କରିବେ। ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରରୁ ଅତିକମ୍‌ରେ ଜଣଙ୍କୁ ସମବାୟ ସଦସ୍ୟ କରିବାର ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ଚାଷୀମାନଙ୍କୁ ଆର୍ଥିକ ଓ ସାମାଜିକ ଭାବେ ସଶକ୍ତ କରିବାର  ଲକ୍ଷ୍ୟ ନେଇ ସଦସ୍ୟତା ଅଭିଯାନ 'ସମ୍ବନ୍ଧ' ଆରମ୍ଭ କରାଯିବ। ଡିଜିଟାଲ ମାଧ୍ୟମରେ ସଦସ୍ୟତା ପଞ୍ଜୀକରଣକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ନୂତନ ମୋବାଇଲ ଆପ୍ଲିକେଶନର ଶୁଭାରମ୍ଭ ହେବ। ଏହି ଅବସରରେ ସମବାୟ କ୍ଷେତ୍ରରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଓଡ଼ିଶା ସମବାୟ ଇତିହାସରେ ପ୍ରଥମଥର ପାଇଁ ପାକ୍ସ ଏବଂ ଲାମ୍ପ୍‌ସ ଚାଷୀ ସଦସ୍ୟମାନଙ୍କୁ ସରକାର ଲାଭାଂଶ ପ୍ରଦାନ କରିବେ। ପ୍ରଥମ ପର୍ଯ୍ୟାୟରେ ୧୮୦ଟି ପାକ୍ସ ଓ ଲାମ୍ପ୍‌ସର ପାଖାପାଖି ୩ ଲକ୍ଷରୁ ଅଧିକ ହିତାଧିକାରୀ ୧୪ କୋଟି ଟଙ୍କା ଲାଭାଂଶ ପାଇବେ। ରାଜ୍ୟ ସରକାର ମଧ୍ୟ ଅଂଶୀଦାରଭାବେ ୪ କୋଟି ୨୨ ଲକ୍ଷ ଟଙ୍କା ପାଇବେ। ରାଜ୍ୟର ସମସ୍ତ ଜିଲ୍ଲାରେ ଉନ୍ନତ ଭିତ୍ତିଭୂମି ଥିବା ୧୦୦ଟି ମଡେଲ ମଣ୍ଡି ସ୍ଥାପିତ ହେବ। ପ୍ରଥମ ପର୍ଯ୍ୟାୟରେ କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଥିବା ୩୮ଟି ମଡେଲ ମଣ୍ଡି ମଧ୍ୟରୁ ମଙ୍ଗଳବାର ଦିନ କଟକରେ ୨ଟି, ଖୋର୍ଦ୍ଧା ଏବଂ ପୁରୀରେ ଗୋଟିଏ ଲେଖାଏଁ ମୋଟ ୪ଟି ମଡେଲ ମଣ୍ଡିର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ।

Desk

## ସ୍ପୋର୍ଟସ କମ୍ପ୍ଲେକ୍ସ

ଭୁବନେଶ୍ୱର ଗୋଠପାଟଣା ମୌଜାରେ ଖୁବ୍‌ଶୀଘ୍ର ସମନ୍ୱିତ ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଷ୍ଟାଡିୟମ୍ ନିର୍ମାଣ ହେବା ନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଏଥିପାଇଁ ଜମି ଅଧିଗ୍ରହଣ କାମ ଆଗେଇ ଚାଲିଛି। ଖୁବ୍‌ଶୀଘ୍ର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏଥିସହ କ୍ରୀଡ଼ା ମନ୍ତ୍ରୀ କହିଛନ୍ତି, ରାଜ୍ୟର ୩୧୪ଟି ବ୍ଲକରେ କ୍ରୀଡ଼ା ଭିତ୍ତିଭୂମି କାର୍ଯ୍ୟରେ ଅଗ୍ରଗତି ପରିଲକ୍ଷିତ ହୋଇଛି। ୪ହଜାର ୧୨୪ କୋଟି ଟଙ୍କା ବ୍ୟୟରେ ବ୍ଲକସ୍ତରୀୟ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ କ୍ରଡ଼ା ବିଭାଗ ପକ୍ଷରୁ ହାତକୁ ନିଆଯାଇଛି ବୋଲି ଶ୍ରୀ ସୂରଜ କହିଛନ୍ତି।

Nabarangpur

## ଡମ୍ବରୁ ମାଝୀଙ୍କ ପରଲୋକ

ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଡମ୍ବରୁ ମାଝୀଙ୍କର ୮୬ ବର୍ଷ ବୟସରେ ପରଲୋକ ହୋଇଛି। ଆଜି ସକାଳ ପ୍ରାୟ ୫ଟା ସମୟରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଶ୍ରୀ ମାଝୀଙ୍କ ମରଶରୀରକୁ ତାଙ୍କ ପୈତୃକ ଗ୍ରାମ ତେନ୍ତୁଳିଖୁଣ୍ଟି ବ୍ଲକର ଚିତ୍ରକୋଟଠାରେ ନିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜିଲ୍ଲା ପୁଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା।

ଶ୍ରୀ ମାଝୀଙ୍କ ମୃତ୍ୟୁ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

MET

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ, ବାଂଲାଦେଶ ଉପକୂଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ସୁଦୃଶ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ସେହିଭଳି ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି

# କେନ୍ଦ୍ରାପଡା-ବନ୍ୟା

କେନ୍ଦ୍ରାପଡ଼ାରେ ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ନଦୀର ବନ୍ୟାଜଳ ହ୍ରାସ ପାଇଛି । ବିପନ୍ନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯିବା ସହ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଜରିଆରେ ଚିକିତ୍ସା ଓ ଔଷଧ ପ୍ରଦାନ କରାଯାଉଛି। ପଶୁମାନଙ୍କ ଲାଗି ୩୦୦ ମେଟ୍ରିକ୍ ଟନ୍ ଗୋଖାଦ୍ୟ ବଣ୍ଟନ କରାଯାଇଥିବା ଜଣାପଡିଛି।

Boudh/BBSR/RNayagada

# ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ

ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟର ଅଂଶବିଶେଷଭାବେ ଦେଶବ୍ୟାପୀ ସଣ୍ଡେ ଅନ୍ ସାଇକେଲ ଅଭିଯାନ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି।

ଭୁବନେଶ୍ୱରଠାରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସଣ୍ଡେ ଅନ୍ ସାଇକେଲ ର୍‍ୟାଲି ଆୟୋଜିତ ହୋଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ପ୍ରତିଯୋଗୀମାନେ ବହୁ ସଂଖ୍ୟାରେ ସାଇକେଲ ର୍‍ୟାଲିରେ ଯୋଗ ଦେଇଥିଲେ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗୀଙ୍କ ସହ ସାଇକେଲ ଚାଳନା କରିଥିଲେ।

ନୟାଗଡ଼ ପୁଲିସ ପକ୍ଷରୁ ଆଜି ଏକ ସାଇକେଲ ର୍‍ୟାଲି ଆୟୋଜିତ ହୋଇଥିଲା। ଜିଲ୍ଲା ପୁଲିସ କାର୍ଯ୍ୟାଳୟ ଏବଂ ରିଜର୍ଭ ଅଫିସ ନୟାଗଡ଼ ସମେତ ପୁଲିସ ଟ୍ରେନିଂ ସ୍କୁଲ, ନୟାଗଡ଼ର ବରିଷ୍ଠ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ।

Bhadrak/Boudh/Subarnpur/Nayagada

## ଜାତୀୟ କ୍ରୀଡ଼ା ଦିବସ

ମହାନ୍ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀଙ୍କୁ ସ୍ମରଣ କରି ଚଳିତ ବର୍ଷ ଜାତୀୟ କ୍ରୀଡ଼ା ଦିବସ ରାଜ୍ୟରେ ତିନିଦିନ ଧରି ପାଳନ କରାଯାଉଛି।

ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ-୨୦୨୬ର ତୃତୀୟ ତଥା ଉଦ୍‌ଯାପନୀ ସମାରୋହ ପାଳିତ ହୋଇଛି। ଆଜି ସକାଳ ୭ଟାରେ ନୟାଗଡ଼ସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ବ୍ରଜେନ୍ଦ୍ର ଉଚ୍ଚବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସାଇକେଲ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ

ଛାତ୍ରଛାତ୍ରୀ, ସାମ୍ବାଦିକଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଜିଲ୍ଲାରେ କ୍ରୀଡ଼ାର ପ୍ରସାର ସହ ଶାରୀରିକ ସୁସ୍ଥତାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ।

ସୁବର୍ଣ୍ଣପୁର ଜିଲ୍ଲାରେ ଆୟୋଜିତ ସାଇକେଲ ର୍ୟାଲିକୁ ଜିଲ୍ଲାପାଳ ନୃପରାଜ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାଇକେଲ ର୍ୟାଲି ରାମେଶ୍ୱର ଷ୍ଟାଡିୟମ୍‌ରୁ ବାହାରି ସହର ପରିକ୍ରମା କରିଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ସଂଗଠନର ସ୍ୱେଚ୍ଛାସେବୀମାନେ ରାଲିରେ ଭାଗ ନେଇଥିଲେ।

ବୌଦ୍ଧ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ସମାରୋହ ଅବସରରେ ଏକ ସାଇକେଲ ର୍ୟାଲି ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ।

ଭଦ୍ରକଠାରେ ଆୟୋଜିତ ଜାତୀୟ କ୍ରୀଡ଼ା ଦିବସର ଉଦ୍‌ଯାପନୀ ଉତ୍ସବରେ ସାଇକେଲ ମାରାଥନକୁ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଶୁଭାରମ୍ଭ କରିଥିଲେ। ପ୍ରତିଯୋଗୀମାନେ ସାଇକେଲ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ।